# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**12th May - 2024**

**News Editor : *Tapan Kumar Maharana***

*************************************

## ମୁଖ୍ୟ ସମ୍ବାଦ

- ଦେଶର ଚତୁର୍ଥ ପର୍ଯ୍ୟାୟ ଏବଂ ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତାକାଲି ହେବ ମତଦାନ

– ସୁରକ୍ଷା ବ୍ୟବସ୍ଥା ପାଇଁ ମୁତୟନ ହେବେ ୧୭ ହଜାର ପୁଲିସ ଫୋର୍ସ

- ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୦ ତାରିଖରେ ଓଡ଼ିଶା ଆସି କରିବେ ଦଳୀୟ ନିର୍ବାଚନ ପ୍ରଚାର

- ବିଭିନ୍ନ ସ୍ଥାନରେ ପାଳିତ ହେଉଛି ବିଶ୍ୱ ମାତୃ ଦିବସ ଓ ଅର୍ନ୍ତଜାତୀୟ ସେବିକା ଦିବସ

ଏବଂ

- ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହେଲା ୨୭ତମ ଜାତୀୟ ଫେଡେରେସନ୍ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା

## ଚତୁର୍ଥ ପର୍ଯ୍ୟାୟ ମତଦାନ

ଲୋକସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଆସନ୍ତାକାଲି ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୯ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଲୋକସଭା ଆସନରେ ମତଦାନ ହେବ। ଆନ୍ଧ୍ରପ୍ରଦେଶର ୨୫, ତେଲେଙ୍ଗାନାର ୧୭, ଉତ୍ତରପ୍ରଦେଶର ୧୩, ମହାରାଷ୍ଟ୍ରର ୧୧, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ ଆସନ, ବିହାରର ୫ଟି, ଝାଡ଼ଖଣ୍ଡ ଓ ଓଡ଼ିଶାର ୪ଟି ଲେଖାଏଁ ଆସନ ସହ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ଗୋଟିଏ ଆସନରେ ମତଦାନ ହେବ। ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମୋଟ ୧ ହଜାର ୭୧୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହେବ।

## ଓଡ଼ିଶା ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ଦେଶର ଚତୁର୍ଥ ପର୍ଯ୍ୟାୟ ତଥା ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା କାଲି ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ୪ଟି ଲୋକସଭା ଆସନ କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ଏବଂ ଏହି ଆସନ ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ନିର୍ବାଚନ ହେବ। ଏହି ପର୍ଯ୍ୟାୟରେ ମୋଟ୍ ୨୪୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୬୨ଲକ୍ଷ ୮୭ହଜାର ୨୨୨ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

ଆକାଶବାଣୀ ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ଆସନ୍ତାକାଲିର ଭୋଟ୍ ସମ୍ପର୍କରେ ଏକ ରିପୋର୍ଟ...

**V/o-**

ଭୋଟ୍‌ଗ୍ରହଣ ସକାଳ ୭ଟାରୁ ଆରମ୍ଭ ହେବ। ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ କିଛି ସ୍ଥାନରେ ଭୋଟ୍‌ଗ୍ରହଣ ପ୍ରକ୍ରିୟା ସନ୍ଧ୍ୟା ୫ଟାରେ ଶେଷ ହେବାକୁ ଥିବାବେଳେ କିଛି ସ୍ଥାନରେ ସନ୍ଧ୍ୟା ୬ଟାରେ ଶେଷ ହେବ। ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ରାଜ୍ୟ ପ୍ରଶାସନ ଓ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ନିର୍ବାଚନ ସୁରକ୍ଷା ଡିଜି

ରାଜ୍ୟରେ ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ଆଜି ଭୁବନେଶ୍ୱର ପୁଲିସ ସେବା ଭବନଠାରେ ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ନିର୍ବାଚନର ସୁରକ୍ଷା ବ୍ୟବସ୍ଥା ନେଇ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଚାରୋଟି ସଂସଦୀୟ କ୍ଷେତ୍ର ଓ ୨୮ଟି ବିଧାନସଭା କ୍ଷେତ୍ରରେ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଆସନ୍ତାକାଲିର ମତଦାନ ପାଇଁ ମୋଟ୍ ୧୭ ହଜାର ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହାଛଡ଼ା ୧୦୪ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ଓ ୬୬ ପ୍ଲାଟୁନ୍ ଏ.ଏସ୍.ପି. ମଧ୍ୟ ମୁତୟନ କରାଯାଇଛି। ୬୦୦ ମୋବାଇଲ୍ ପାର୍ଟି ବିଭିନ୍ନ ବୁଥ୍ ତଦାରଖ କରିବେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ୨୧୦ଟି ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ, ୧୯୫ ସର୍ଭେଲାନ୍ସ ଟିମ୍ ମୁତୟନ କରାଯାଇଛି। ଭୋଟ୍ ଗ୍ରହଣ ସରିବା ପରେ ୧୫ଟି ଷ୍ଟ୍ରଙ୍ଗ୍ ରୁମ୍‌ରେ

ଇଭିଏମ୍‌କୁ ସୁରକ୍ଷିତ ରଖାଯିବ। ଇଭିଏମ୍ ଇନର ସର୍କଲ ଦାୟିତ୍ୱରେ ଅର୍ଦ୍ଧସାମରିକ, ଆଉଟର ସର୍କଲ ଦାୟିତ୍ୱରେ ଏସ୍.ଏ.ପି. ରହିବେ।

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୦ ତାରିଖରେ ଓଡ଼ିଶା ଆସି ପୁରୀ, କଟକ ଓ ଅନୁଗୁଳରେ ଦଳ ପକ୍ଷରୁ ଜନସଭାକୁ ସମ୍ବୋଧନ କରିବେ। ଏହାଛଡ଼ା ପୁରୀରେ ଏକ ରୋଡ୍ ସୋ'ରେ ଭାଗ ନେବେ ବୋଲି ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୧୫ ତାରିଖରେ ରାଉରକେଲା, ସୋରଡ଼ା ଓ କଣ୍ଟାବାଞ୍ଜିରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ପୂର୍ବରୁ ପ୍ରଧାନମନ୍ତ୍ରୀ ଗତ ୧୦ ତାରିଖ ଦିନ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ଏକ ରୋଡ୍ ସୋ'ରେ ସାମିଲ ହେବା ସହ କନ୍ଧମାଳ, ବରଗଡ଼ ଓ ବଲାଙ୍ଗୀରରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇଥିଲେ। ସେହିପରି ଚଳିତ ମାସ ୬ ତାରିଖରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ପ୍ରଥମ ଦଳୀୟ ନିର୍ବାଚନ ପ୍ରଚାର କରିଥିଲେ।

## ମଦର୍ସ ଡେ

ମା' ସବୁବେଳେ ପୂଜନୀୟା। ମଣିଷ ଜୀବନରେ ମା'ର ଭୂମିକା କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ସମାଜ ଗଠନରେ ଏବଂ ଏକ ସୁନ୍ଦର ସମ୍ପର୍କର ନିଦର୍ଶନ ଭାବରେ ମା'ମାନଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ମା' ମାନଙ୍କର ଉତ୍ସର୍ଗୀକୃତ ଜୀବନକୁ ମନେ ପକାଇ ଆଜି ସାରା ବିଶ୍ୱରେ ପାଳିତ ହେଉଛି

ମାତୃ ଦିବସ । ଏହି ଦିବସ ପ୍ରତିବର୍ଷ ମଇ ମାସର ଦ୍ୱିତୀୟ ରବିବାରରେ ପାଳନ କରାଯାଇଥାଏ। ୧୯୦୮ ମସିହାରେ ପ୍ରଥମେ ଆମେରିକାର ପଶ୍ଚିମ ଭର୍ଜିନିଆର ଗ୍ରାଫ୍ଟନ୍‌ସ୍ଥିତ ସେଣ୍ଟ ଆଣ୍ଡ୍ରିୟୁସ୍ ମେଥୋଡିଷ୍ଟ ଚର୍ଚ୍ଚରେମାତୃ ଦିବସ ପାଳନ କରାଯାଇଥିଲା। ମା'ମାନଙ୍କୁ ସମର୍ପିତ କରିବା ପାଇଁ ରାଜ୍ୟର ପ୍ରତି ଘରେ ଘରେ ଏବଂ ବିଭିନ୍ନ ସ୍ଥାନରେ ବିଶ୍ୱ ମାତୃ ଦିବସ ପାଳନ କରାଯାଉଛି।

## ନର୍ସ ଦିବସ

ରୋଗୀସେବା ଲାଗି ନର୍ସମାନଙ୍କର କଠିନ ପରିଶ୍ରମ, ସମର୍ପଣ ଭାବକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି । ଆଧୁନିକ ନର୍ସିଂ ସେବା ଆରମ୍ଭ କରିଥିବା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ୧୯୬୫ ମସିହାରୁ ଆଜିର ଦିନକୁ ନର୍ସ ଦିବସ ବା ସେବିକା ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷର ସେବିକା ଦିବସର ବାର୍ତ୍ତା ରହିଛି 'ଆମର ନର୍ସ, ଆମ ଭବିଷ୍ୟତ-ସେବା ଯତ୍ନର ଆର୍ଥିକ ଶକ୍ତି' । ନର୍ସମାନଙ୍କର ଅଧିକାର ଓ ସଂଘର୍ଷ ବିଷୟରେ ଜନସଚେତନତା ସୃଷ୍ଟି ସହିତ ସେମାନଙ୍କର ଉନ୍ନତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ପାଇଁ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଆଜି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ବିଧାନସଭା ନିର୍ବାଚନ-କେନ୍ଦୁଝର

କେନ୍ଦୁଝର ଜିଲ୍ଲାରେ ଗୋଟିଏ ଲୋକସଭା ଅଧୀନରେ ୬ଟି ବିଧାନସଭା ଆସନ ଅନ୍ତର୍ଭୁକ୍ତ ରହିଛି। ସେଗୁଡ଼ିକ ହେଉଛି ସଦର ନିର୍ବାଚନ ମଣ୍ଡଳୀ, ଚମ୍ପୁଆ, ତେଲକୋଇ, ଘଷିପୁରା, ଆନନ୍ଦପୁର ଓ ପାଟଣା। ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର ରାଜନୈତିକ ପ୍ରସ୍ତୁତି ଏବଂ ପ୍ରଚାର ଚାଲିଛି। ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ **କେନ୍ଦୁଝର** ସମ୍ବାଦଦାତା **ମାନସ ରଞ୍ଜନ ତ୍ରିପାଠୀ**ଙ୍କ ରିପୋର୍ଟ....

**- V/O –**

## ନିର୍ବାଚନ ପ୍ରସ୍ତୁତି

କୋରାପୁଟ ଜିଲ୍ଲାରେ ଗୋଟିଏ ଲୋକସଭା ଅଧୀନରେ ୫ଟି ବିଧାନସଭା ଆସନ ଜୟପୁର, କୋରାପୁଟ, କୋଟପାଡ଼, ପଟ୍ଟାଙ୍ଗୀ ଓ ଲକ୍ଷ୍ମୀପୁର ଅନ୍ତର୍ଭୁକ୍ତ ରହିଛି। ଏଠାରେ ମତଦାନ ଆସନ୍ତାକାଲି ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାର ସମସ୍ତ ୧୧ଶହ ଅଣଷଠୀଟି ବୁଥ୍‌ରେ ପୁଲିଂ ଦଳ ପହଁଞ୍ଚିସାରିଥିବାର ଆମ ସମ୍ବାଦଦାତା ଜଣାଇଛନ୍ତି। ଜିଲ୍ଲାରେ ୧୪୫ ଗୋଟି ସମ୍ବେଦନଶୀଳ ୧୧୭ ଗୋଟିଏ ସଖୀ ବୁଥ୍ ରହିଛି। ଏହି ନିର୍ବାଚନ ପ୍ରକ୍ରିୟା ପାଇଁ ପ୍ରାୟ ୧୦ ହଜାର କର୍ମଚାରୀ ନିୟୋଜିତ ରହିଥିବା ଜଣାପଡ଼ିଛି। ତେବେ ନକ୍ସଲ ପ୍ରବଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ପ୍ରଥମଥର ପାଇଁ ଭୋଟ୍ ବ୍ୟବସ୍ଥା

ନବରଙ୍ଗପୁର ଜିଲ୍ଲାର ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଥିବା ୫ଟି ରାଜସ୍ୱ ଗ୍ରାମବାସୀ ସାଧାରଣ ନିର୍ବାଚନରେ ମତଦାନ କରିବେ । ଜିଲ୍ଲାର ତେନ୍ତୁଳୀଖୁଣ୍ଟି ବ୍ଲକର ମଞ୍ଜା ଗାଁ ପଞ୍ଚାୟତ ଅଧୀନରେ ଥିବା ୫ଟି ଗ୍ରାମ ଗୁରୁମାଇ ଗୁଡ଼ା, ତରଲଙ୍ଗ, ଝୋଲାଗୁଡ଼ା, ବାଗ୍ରା ଓ ଟାଙ୍ଗଣୀ କୋଟ ଗ୍ରାମର ୪୩୧ ଜଣ ଭୋଟର ଅଛନ୍ତି । ସେମାନଙ୍କ ପାଇଁ ଗୁରୁମାଇଗୁଡ଼ା ଓ ଟାଙ୍ଗାଣି କୋଟ ଗ୍ରାମରେ ଦୁଇଟି ବୁଥ କରାଯାଇଛି ।

## ଦୌଡ଼କୁଦ ପ୍ରତିଯୋଗିତା

୨୭ତମ ଜାତୀୟ ଫେଡେରେସନ୍ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଆଜିଠାରୁ ରାଜଧାନୀ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାରେ ୧୮୦ ଜଣ ମହିଳା ଆଥଲେଟ୍‌ଙ୍କ ସମେତ ମୋଟ୍ ୭୧୫ ଜଣ ଆଥଲେଟ୍ ୩୮ଟି କ୍ରୀଡ଼ାରେ ପ୍ରତିଦ୍ୱନ୍ଦିତା କରିବେ । ସେହି ଖେଳାଳିମାନଙ୍କ ମଧ୍ୟରେ ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ନିରଜ ଚୋପ୍ରା ଓ ଓଡ଼ିଶାର ଜାଭଲିନ୍ ଖେଳାଳି କିଶୋର ଜେନା ରହିଛନ୍ତି । ଏହି ପ୍ରତିଯୋଗିତାରେ ୪ ଦିନ ଧରି ଚାଲିବା ସହ ଏଥିରେ ଅଂଶଗ୍ରହଣ କରୁଥିବା ଖେଳାଳିମାନଙ୍କର ପ୍ରଦର୍ଶନକୁ ଭିତ୍ତି କରି ସେମାନଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ମିଳିବ ।

## ପୋଷ୍ଟାଲ ବ୍ୟାଲେଟ୍ ମତଦାନ

ବୌଦ୍ଧ ଜିଲ୍ଲାରେ ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୨୦ ତାରିଖରେ ଭୋଟ ନିଆଯିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଗତକାଲିଠାରୁ ପୋଷ୍ଟାଲ ବ୍ୟାଲେଟ୍‌ରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଯେଉଁ କର୍ମଚାରୀମାନେ

ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେମାନେ ପୋଷ୍ଟାଲ ବ୍ୟାଲେଟରେ ମତଦାନ କରିପାରିବେ। ପୋଷ୍ଟାଲ ବ୍ୟାଲେଟ୍ ମତଦାନ ପ୍ରକ୍ରିୟା ଚଳିତମାସ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ମିଳିଥିବା ସୂଚନା ଅନୁସାରେ, ଗତକାଲି ବୌଦ୍ଧ ଜିଲ୍ଲାର ୨୭୬ ଜଣ କର୍ମଚାରୀ ପୋଷ୍ଟାଲ ବ୍ୟାଲେଟ୍ ମାଧ୍ୟମରେ ମତଦାନ କରିଛନ୍ତି।

## ଏୟାର ଆମ୍ବୁଲାନ୍ସ

ନିର୍ବାଚନ ପରିଚାଳନାରେ ନିୟୋଜିତ କର୍ମଚାରୀ ଓ ମତଦାତାଙ୍କର ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ କୋରାପୁଟ ଜିଲ୍ଲାରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ ପକ୍ଷରୁ ଏୟାର ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ଆଜିଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏୟାର ଆମ୍ବୁଲାନ୍ସ ସେବା ନିୟୋଜିତ ରହିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଆବଶ୍ୟକତା ଅନୁସାରେ, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଏୟାର ଆମ୍ବୁଲାନ୍ସରେ ରୋଗୀଙ୍କୁ ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି।

*****